**SET–D**

Roll No. [ ]

Total No. of Printed Pages—16

**702 R/E**

**( Regular/Ex-Regular )**

# MIL (O)

**(Arts)**

**( For Students registered in 2021 and 2022 )**

downloaded from StudentSuvidha.com

**2 0 2 4 (A)**

## MIL (ODIA)

ARTS

*Full Marks* : 100

*Time* : 3 hours

*The figures in the right-hand margin indicate marks*

ଦକ୍ଷିଣ ପାର୍ଶ୍ୱରେ ଥିବା ସଂଖ୍ୟା ପ୍ରଶ୍ନର ମୂଲ୍ୟାଙ୍କ ସୂଚାଉଛି

*Answer* ***all*** *questions*

**ସମସ୍ତ** ପ୍ରଶ୍ନର ଉତ୍ତର ଲେଖ

*Candidates are required to give their answers in their own words as far as practicable*

ପରୀକ୍ଷାର୍ଥୀମାନେ ଯଥାସମ୍ଭବ ନିଜ ଭାଷାରେ ପ୍ରଶ୍ନର ଉତ୍ତର ଲେଖିବା ଆବଶ୍ୟକ





୧। ଲେଖା ଓ ଲେଖକଙ୍କ ନାମୋଲ୍ଲେଖସହ ଦୁଇଟି ଲେଖାଏଁ ବାକ୍ୟରେ ଯେକୌଣସି **ଦୁଇଟି** ପ୍ରଶ୍ନର ଉତ୍ତର ଦିଅ : ୨×୨=୪

(କ) ଇତିହାସଜ୍ଞ କିଏ?

(ଖ) ଲେଖକ ଘନକୁ ସମ୍ବୋଧନ କରି ଉତ୍କଳବାସୀ କିପରି ପିପାସୀ ଓ ଉପବାସୀ ହୋଇଥିବା, କହିଛନ୍ତି?

(ଗ) ଭାରତୀୟମାନେ ଆମେରିକା ନଛାଡୁଥିବା ଅସଲ କଥାଟି କ'ଣ ବୋଲି 'ଇଲ୍‌ଷ୍ଟ୍ରେଟେଡ୍ ୱଇକ୍ଲି' ଲେଖିଛନ୍ତି?

୨। ଲେଖା ଓ ଲେଖକଙ୍କ ନାମୋଲ୍ଲେଖସହ **୩୦**ଟି ଶବ୍ଦରେ ଯେକୌଣସି **ଗୋଟିଏ** ପ୍ରଶ୍ନର ଉତ୍ତର ଦିଅ : ୩

(କ) ଗଧିଆକୁ ଦୋଷୀ କୁହାଯିବାର ମାନେ ନାହିଁ ବୋଲି କାହିଁକି କୁହାଯାଇଛି?

(ଖ) ଉତ୍କଳ ଭୂମିର ଦୁଇଦିଗର ବର୍ଣ୍ଣନା କିପରି କରାଯାଇଛି?

୩। ଲେଖା ଓ ଲେଖକଙ୍କ ନାମୋଲ୍ଲେଖସହ **୧୫୦**ଟି ଶବ୍ଦ ମଧ୍ୟରେ ଯେକୌଣସି **ଗୋଟିଏ** ପ୍ରଶ୍ନର ଉତ୍ତର ଲେଖ : ୫

(କ) ଚିନ୍ତାଶୀଳ ପାଠକଙ୍କ ପକ୍ଷେ ଇତିହାସ ପଠନର ଉପଯୋଗିତା ଦର୍ଶାଅ।

(ଖ) 'ତିନିତୁଣ୍ଡରେ' ନାମକରଣର ସାର୍ଥକତା ପ୍ରତିପାଦନ କର।



Download all NOTES and PAPERS at StudentSuvidha.com

୪। ପ୍ରତ୍ୟେକ ପ୍ରଶ୍ନତଳେ ଦିଆଯାଇଥିବା ଚାରିଗୋଟି ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ : ୧×୪=୪

(କ) କାହା ଭଳି ଧନକୁ ଜଗି ରହିବା ନିଷ୍ଫଳ?
- (i) ଯକ୍ଷ
- (ii) କୁବେର
- (iii) ଧନୀ
- (iv) ଶୁଣ୍ଡି

(ଖ) କାହାଙ୍କୁ ଦୟା-ରତ୍ନମୟ ଦୀନ-ବାରିଧି କୁହାଯାଇଛି?
- (i) କୁଶ
- (ii) ଲବ
- (iii) ରାମ
- (iv) ମହର୍ଷି

downloaded from StudentSuvidha.com

(ଗ) ପ୍ରାଚୀ ଅଭିମୁଖରେ ନିଜର ସ୍ନିଗ୍ଧ କନକ କର ଲମ୍ବାଇ କିଏ କୋମଳ ଆଶ୍ୱାସରେ ନିଜର ସ୍ନେହ ଆଦର ଦେଖାନ୍ତି?
- (i) ରବି
- (ii) ଚନ୍ଦ୍ର
- (iii) ତାରା
- (iv) ନକ୍ଷତ୍ର

(ଘ) ପିଙ୍ଗଳା ଆଉ କେଉଁ ଦୀପ ଜାଳିବ ନାହିଁ ବୋଲି କହିଛି?
- (i) ସଂଜଦୀପ
- (ii) ପୂଜାଦୀପ
- (iii) କେଳିଦୀପ
- (iv) ଜ୍ଞାନଦୀପ





(ଙ) ଭଗ୍ନ ମଧ୍ୟରୁ କେଉଁ ଚେତନା ନେବା ପାଇଁ କବି ମାନବକୁ ଆହ୍ୱାନ କରିଛନ୍ତି?
- (i) ଶ୍ରେଣୀ ଚେତନା
- (ii) ମାନବିକ ଚେତନା
- (iii) ଐଶ୍ୱରିକ ଚେତନା
- (iv) ପାପ ଚେତନା

୫। ନିମ୍ନଲିଖିତ ଯେକୌଣସି **ତିନିଗୋଟି** ପ୍ରଶ୍ନର ଉତ୍ତର ଗୋଟିଏ ଲେଖାଏଁ ବାକ୍ୟରେ ଦିଅ : ୧×୩=୩

(କ) କିଏ ନିଜ ଜୀବନର ଘୃଣ୍ୟ କଳୁଷରାଜିକୁ ଭୁଲିଯିବା ପାଇଁ କାହାକୁ ଅନୁରୋଧ କରିଛନ୍ତି?

(ଖ) କାହା ପାଶରେ ଜଗତର ସର୍ବ ଜଡ଼ ଚେତନ ବନ୍ଧା?

(ଗ) ତପସ୍ୱିନୀ କିଏ?

(ଘ) ଜଳଧାରାର ଧର୍ମ କ'ଣ?

୬। ଲେଖା ଓ ଲେଖକଙ୍କ ନାମୋଲ୍ଲେଖସହ ଦୁଇଟି ଲେଖାଏଁ ବାକ୍ୟରେ ଯେକୌଣସି **ଦୁଇଟି** ପ୍ରଶ୍ନର ଉତ୍ତର ଦିଅ : ୨×୨=୪

(କ) କ'ଣ ନ ବଢ଼ାଇ, ତାର ବଢ଼ାଇ କରୁଥିବ?

(ଖ) କବି କାହା ବିରୋଧରେ ପ୍ରତିଶୋଧ ନେବାକୁ କହିଛନ୍ତି?

(ଗ) କିଏ, ପୁଣ୍ୟ ଜୀବନ ଓ ଭୁବନକୁ ପାପରେ ଭରି ଦେଲେ?

୭। ଲେଖା ଓ ଲେଖକଙ୍କ ନାମୋଲ୍ଲେଖସହ **୩୦ଟି** ଶବ୍ଦ ମଧ୍ୟରେ ଯେକୌଣସି **ଗୋଟିଏ** ପ୍ରଶ୍ନର ଉତ୍ତର ଦିଅ : ୩

(କ) ଶତାବ୍ଦୀର ସିଂହଦ୍ୱାରରୁ କିଏ କି' ବାର୍ତ୍ତା ନେଇ ଆସିଅଛି?

(ଖ) କାହାଙ୍କୁ ଦୀନଭିଖାରିଣୀ ମୁଣ୍ଡନୁଆଇଁ ଦୂରରୁ ବନ୍ଦନା କରିଛନ୍ତି?



Download all NOTES and PAPERS at StudentSuvidha.com

୮। ଲେଖା ଓ ଲେଖକଙ୍କ ନାମୋଲ୍ଲେଖସହ **୧୫୦ଟି** ଶବ୍ଦ ମଧ୍ୟରେ ଯେକୌଣସି **ଗୋଟିଏ** ପ୍ରଶ୍ନର ଉତ୍ତର ଲେଖ : ୫

(କ) 'ବାର୍ତ୍ତା' କବିତାର ଭାବ ନିଜ ଭାଷାରେ ବର୍ଣ୍ଣନା କର।

(ଖ) 'ବନ୍ଦୀର ବିରହ ବ୍ୟଥା' କବିତାରୁ କବିଙ୍କ ପ୍ରକୃତି-ପ୍ରୀତିର ପରିଚୟ ପ୍ରଦାନ କର।

୯। ପ୍ରତ୍ୟେକ ପ୍ରଶ୍ନତଳେ ଥିବା ଚାରିଗୋଟି ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ : ୧×୫=୫

(କ) ବାବୁ ବଳରାମଙ୍କ ଚାକରର ନାମ କ'ଣ ଥିଲା?

*(i)* ଗୋପାଳ

*(ii)* ରାଜୀବ

*(iii)* ବିଦିଆ

*(iv)* ରଙ୍ଗାଧର

(ଖ) ବାହାରର କେଉଁ କଥା ଘର ଭିତରର ପ୍ରତ୍ୟେକ ଅନ୍ଧକାର କୋଣକୁ ଥରାଇ ଦେଉଥିଲା?

*(i)* ଗଣ୍ଡଗୋଳ

*(ii)* ସ୍ଲୋଗାନ

*(iii)* କୋଳାହଳ

*(iv)* ହୋ-ହଲ୍ଲା

(ଗ) 'ସ୍ୱାଧୀନତା ମନୁଷ୍ୟର ଜନ୍ମଗତ ଦାବି'—କିଏ କହିଥିଲେ?

*(i)* ବିଜୟ

*(ii)* ଅରୁଣ

*(iii)* ହେମମାଳୀ

*(iv)* ଅପର୍ଣ୍ଣା





(ଘ) ମାଷ୍ଟରଜୀଙ୍କ ପତ୍ନୀଙ୍କ ନାମ କ'ଣ ଥିଲା?

*(i)* ସୁନା

*(ii)* ରୂପା

*(iii)* ହୀରା

*(iv)* ପଦ୍ମା

(ଙ) କଚ୍ଛପର ନାମ କ'ଣ?

*(i)* କମ୍ବୁଗ୍ରୀବ

*(ii)* ଜମ୍ବୁଗ୍ରୀବ

*(iii)* ସୁଗ୍ରୀବ

*(iv)* ଉଦ୍‌ଗ୍ରୀବ

୧୦। ନିମ୍ନଲିଖିତ ଯେକୌଣସି **ତିନୋଟି** ପ୍ରଶ୍ନର ଉତ୍ତର ଗୋଟିଏ ଲେଖାଏଁ ବାକ୍ୟରେ ଦିଅ : ୧×୩=୩

(କ) କେଉଁ ଦିନ 'ନାରୀ-ସ୍ୱାଧୀନତା-ବିବର୍ଦ୍ଧିନୀ' ସଭାର ଅଧିବେଶନ ହୁଏ?

(ଖ) ପଚିଶ ବର୍ଷ ତଳେ ରାୟବାହାଦୁର କେଉଁ ପଦବୀରେ ଥିଲେ?

(ଗ) ରୂପ-ପିୟାସୀ ନାଗରିକଙ୍କ ପଦରଜସିକ୍ତ ତୀର୍ଥର ନାମ କ'ଣ?

(ଘ) ହଂସଯୁଗଳ କେଉଁ ସମ୍ପର୍କରେ ଅବହିତ ଥିଲେ?



StudentSuvidha.com
downloaded from
Download all NOTES and PAPERS at StudentSuvidha.com

୧୧। ଲେଖା ଓ ଲେଖକଙ୍କ ନାମୋଲ୍ଲେଖସହ ଦୁଇଟି ଲେଖାଏଁ ବାକ୍ୟରେ ଯେକୌଣସି **ଦୁଇଟି** ପ୍ରଶ୍ନର ଉତ୍ତର ଲେଖ : ୨×୨=୪

(କ) ପଦୀକୁ କେବେଠାରୁ କେହି ଆଉ ଉଆସରେ ଦେଖି ନାହାନ୍ତି?

(ଖ) ଯାହାର ଦାନା ଖାଇ ରାୟବାହାଦୁର ମଣିଷ, ତା'ର ନିମକ ହାରାମି ଅସମ୍ଭବ ବୋଲି କହିବା ପରେ ଅରୁଣ କ'ଣ ପଚାରିଛି?

(ଗ) 'ଆଜି କ'ଣ ମୁକ୍ତକେଶୀ ଦ୍ରୌପଦୀର ବେଣୀବନ୍ଧନ'— କେଉଁ ପ୍ରସଙ୍ଗରେ କୁହାଯାଇଛି?

୧୨। ଲେଖା ଓ ଲେଖକଙ୍କ ନାମୋଲ୍ଲେଖସହ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର **୩୦ଟି** ଶବ୍ଦ ମଧ୍ୟରେ ଲେଖ : ୩

(କ) ପ୍ରତ୍ୟେକ ଶିକ୍ଷକ କେଉଁ ଦିନକୁ ଅପେକ୍ଷା କରି ରହିଥାଏ?

(ଖ) କବିରାଜ ଜ୍ୟୋତିଷ କ'ଣ ଘୋଷଣା କରିଥିଲେ?

୧୩। ଲେଖା ଓ ଲେଖକଙ୍କ ନାମୋଲ୍ଲେଖସହ **୧୫୦ଟି** ଶବ୍ଦ ମଧ୍ୟରେ ଯେକୌଣସି **ଗୋଟିଏ** ପ୍ରଶ୍ନର ଉତ୍ତର ଲେଖ : ୫

(କ) 'ସଭ୍ୟ ଜମିଦାର' ଗଳ୍ପ ଆଧାରରେ ଗୋପାଳର ଚରିତ୍ର ଚିତ୍ରଣ କର।

(ଖ) ପଠିତ ଗଳ୍ପ ଆଧାରରେ ସ୍ୱାଧୀନତା ଆନ୍ଦୋଳନରେ ଅରୁଣର ଭୂମିକା ନିର୍ଣ୍ଣୟ କର।





୧୪। ନିମ୍ନ ଅନୁଚ୍ଛେଦଟିକୁ ପାଠ କରି, ତା' ତଳେ ଦିଆଯାଇଥିବା (କ) ଓ (ଖ) ପ୍ରଶ୍ନସମୂହର ଉତ୍ତର ଲେଖ :

ଅଗଷ୍ଟ ପନ୍ଦରରେ ଆଜି ମନେପଡ଼େ ନୃଶଂସ ଜେନେରାଲ ଡାୟାର। ଜାଲିଆନୱାଲାବାଗ୍‌ରେ ଆଜି ଯେଉଁ ନଭଶ୍ଚୁମ୍ବୀ ସ୍ମରଣ ସ୍ତମ୍ଭ ଠିଆ ହୋଇଛି, ଠିକ୍ ସେଇଠି ମଶାମାଛି ପରି ମଣିଷକୁ ମାରିଥିଲା ଜେନେରାଲ ଡାୟାର। ପୁଣି କେତେ ବର୍ଷ ପରେ ୧୯୪୨ରେ ଭାରତୀୟ ଜନତା ଉପରେ ବ୍ରିଟିଶ ସରକାରଙ୍କର ଗୁଳି ଚାଲିଲା ପାଞ୍ଚଶହ ଅଠତିରିଶ ଥର। ମରିଥିଲେ ଏକ ହଜାର ଅଠାଇଶ, ଆହତ ହେଲେ ବତିଶି ଶହ; ତା'ଛଡ଼ା ଜେଲ୍, ଜୋରିମାନା, ମାଡ଼, ଗାଳି, ଅତ୍ୟାଚାରର ସୀମା ରହିଲା ନାହିଁ।

ଏବେ ପୁଣି ମନେ ପଡ଼ନ୍ତି ପଣ୍ଡିତ ନେହେରୁ। ପଞ୍ଜାବର କେଉଁ ଏକ ଅନାମଧେୟ ନାଭା ଜେଲରେ ତାଙ୍କ ଉପରେ ହେଲା ଦାରୁଣ ଅତ୍ୟାଚାର। ନିରନ୍ଧ୍ର ନିଭୃତ କୋଠରି ; ମଶା, ମାଛି, ମୂଷାମାନଙ୍କର ଉପଦ୍ରବ। କୋଟିପତି ମୋତିଲାଲଙ୍କ ପୁଅ ଜବାହାର, ହାରୋ-ଏଟନର ରାଜକୁମାର ଜବାହାର। କାହାଣୀ ପରି ଲାଗେ—ନାଭା ଜେଲ୍‌ରେ ଶୟନ, ମୁହଁ ଉପରେ ମଶାମାନଙ୍କର ବେହରଣ। ଶୋଇବା ନ ହେଲେ ଉଠିବସି ଭାରତର ଭବିଷ୍ୟତ କଥା ଭାବିଲେ ଅମୃତପୁତ୍ର ଜବାହାର। ବହୁବାର ଜେଲ୍ ଜୋରିମାନାର ସମ୍ମୁଖୀନ ହୋଇ ଆଧୁନିକ ଭାରତର ଭାଗ୍ୟବିଧାତା ବ୍ରିଟିଶ ଜଜ୍‌ମାନଙ୍କୁ ଯାହା ଶୁଣାଇଥିଲେ, ମନେପଡ଼ିଲେ ଅନ୍ତର ଆଜି ଗୌରବରେ ଭରିଯାଏ। ଥରେ କଚେରିରେ ତାଙ୍କ ବିଚାର ଚାଲିଥିଲାବେଳେ ଜଣେ ଜଜ୍‌ଙ୍କୁ



StudentSuvidha.com
downloaded from
Download all NOTES and PAPERS at StudentSuvidha.com

ସେ ଶୁଣାଇଥିଲେ—''ସ୍ୱାଧୀନତା ସଂଗ୍ରାମରେ ଭାରତର ସେବା କରିବାଠୁଁ ବଳି ସୌଭାଗ୍ୟ ଆଉ କିଛି ହୋଇପାରେନା। ତା'ଛଡ଼ା ମହାତ୍ମାଗାନ୍ଧୀଙ୍କ ପରି ନେତାଙ୍କ ନିର୍ଦ୍ଦେଶରେ କାମ କରିବା ଏକ ପରମ ସୌଭାଗ୍ୟ। ଦେଶର ପୂର୍ଣ୍ଣ ସ୍ୱାଧୀନତା ପାଇଁ ଲକ୍ଷ ଲକ୍ଷ ଦେଶ ପାଇଁ ଆତ୍ମବଳି ଦେବାଠାରୁ ଅଧିକ ଗୌରବ ଆଉ ମଣିଷର କ'ଣ ଥାଇପାରେ?'' ଆଜି ଏସବୁ ଇତିହାସ। ଯେଉଁମାନେ ମୁହାଁମୁହିଁ ଠିଆହୋଇ ରକ୍ତମାଂସର ଶରୀର ନେଇ ଏସବୁ ସହ୍ୟ କରିଥିଲେ, ସେମାନେ ଏବେ ଇତିହାସର କଥାବସ୍ତୁ। ସେହିମାନଙ୍କ ରକ୍ତ ତ୍ୟାଗର ମୂଲ୍ୟରେ ଏହି ଦେଶକୁ ବହି ଆଣିଥିଲେ ସ୍ୱାଧୀନତାର ଉଜ୍ଜ୍ୱଳ ଆଲୋକ।

ଯେଉଁମାନେ ସ୍ୱାଧୀନତା ଆଣିଥିଲେ; ସେମାନେ ତାଙ୍କ କାମ ସାରିଦେଇ ଚାଲିଯାଇଛନ୍ତି। ତାକୁ ରଖିବାର ଦାୟିତ୍ୱ ବର୍ତ୍ତମାନ ଆମ୍ଭମାନଙ୍କର, ବିଶେଷତଃ ଆମ ଯୁବକ ବନ୍ଧୁମାନଙ୍କର। ଯେକୌଣସି ଦାୟିତ୍ୱ ପାଇଁ ବାର୍ଦ୍ଧକ୍ୟର ପ୍ରଜ୍ଞା ଓ ଯୌବନର ଶକ୍ତି ଦରକାର। ଗାନ୍ଧୀ ଥିଲେ ଏ ଦେଶର ପ୍ରଜ୍ଞା ଓ ନେହେରୁ ଥିଲେ ଯୌବନର ପ୍ରତୀକ ସାହସ ଓ ଶକ୍ତି। ସେହି ମହାପୁରୁଷମାନେ ଏ ଦେଶର ଯେଉଁ ଦୃଢ଼ଭିତ୍ତି ସ୍ଥାପନ କରିଯାଇଛନ୍ତି, ତାକୁଇ ରକ୍ଷାକରିବା ବର୍ତ୍ତମାନ ଜାତିର କର୍ତ୍ତବ୍ୟ। ଜାତି ଯୁବକମାନଙ୍କ ଶକ୍ତି ଉପରେ ବେଶି ନିର୍ଭର କରୁଥିବାରୁ ଯୁବକମାନେ ହିଁ ଏହି ମୁହୂର୍ତ୍ତରେ ସବୁଠୁ ବେଶି ଜାଗ୍ରତ ହେବା ଦରକାର। ଜାଗୃତିର ଅର୍ଥ ଅସଂଯତ ଉନ୍ମାଦ ନୁହେଁ, ସଂଯତ କର୍ମବାଦ।





**ପ୍ରଶ୍ନାବଳୀ :**

(କ) ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ଲେଖାଏଁ ବାକ୍ୟରେ ଦିଅ : ୧×୪=୪

*(i)* ଅଗଷ୍ଟ ପନ୍ଦରରେ କେଉଁ ନୃଶଂସର କଥା ମନେ ପଡ଼େ?

*(ii)* କେଉଁ ଜେଲରେ ପଣ୍ଡିତ ନେହେରୁଙ୍କ ଉପରେ ଅତ୍ୟାଚାର ହେଉଥିଲା?

*(iii)* ଦେଶକୁ ସ୍ୱାଧୀନତା କିପରି ଆସିଲା?

*(iv)* ଜାଗୃତିର ଅର୍ଥ କ'ଣ?

(ଖ) ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦୁଇଟି ଲେଖାଏଁ ବାକ୍ୟରେ ଦିଅ : ୨×୩=୬

*(i)* ଜାଲିଆନୱାଲାବାଗ କାହିଁକି ସ୍ମରଣକୁ ଆସେ?

*(ii)* ଯେକୌଣସି ଦାୟିତ୍ୱ ପାଇଁ କ'ଣ ଆବଶ୍ୟକ?

*(iii)* ସ୍ୱାଧୀନ ଭାରତର ସୁରକ୍ଷାପାଇଁ ଯୁବକମାନଙ୍କ ପ୍ରତି କି ବାର୍ତ୍ତା ଅଭିପ୍ରେତ?

୧୫। ନିମ୍ନ ପଦ୍ୟାଂଶଟି ପାଠ କରି, ତା' ତଳେ ଦିଆଯାଇଥିବା ପ୍ରଶ୍ନ–ସମୂହର ଉତ୍ତର ଲେଖ :

ମାତୃ ସ୍ନେହ ସମ କି ଅଛି ସଂସାରେ
ଅଟେ ତା ସ୍ୱରଗ ସୁଧା,
ଅନନ୍ତ ଅକ୍ଷୟ ଅମୃତ–ଭଣ୍ଡାର
ପାନେ ନ ମେଣ୍ଟଇ କ୍ଷୁଧା।
ଅଛି ଏ ଜଗତେ ନାନା ସ୍ନେହ ପ୍ରୀତି,
ଯା ଯୋଗୁଁ ସ୍ୱରଗ ଧରା,



Download all NOTES and PAPERS at StudentSuvidha.com

ନିର୍ମଳ ନିଃସ୍ୱାର୍ଥ ମାତୃସ୍ନେହ ସରି
ଆଉ କେହି ନୁହେଁ ପରା।
ଅଛି ପ୍ରୀତି ସଙ୍ଗେ ବିରାଗ ସଂଶୟ
କୁସୁମେ କଣ୍ଟକ ପରି,
ବଢ଼େ ପ୍ରୀତି ରୂପ ଗୁଣ ଅନୁସରି,
ପ୍ରିୟ ଦୋଷେ ଯାଏ ସରି।
ଦୁଃଖେ ପାପେ ସର୍ବ ସାଂସାରିକ ପ୍ରୀତି–
ଟାଣ ପଡ଼ିଯାଏ ଜଣା,
କିନ୍ତୁ ମାତୃସ୍ନେହ ଦୋଷ ଗୁଣେ ସମ,
ନାହିଁ ତାହାର କଳନା।
ବରଷାରେ ପୂର୍ଣ୍ଣ ନଦୀ ପୁଷ୍କରଣୀ
ଗଭୀରତା ଗ୍ରୀଷ୍ମେ ଜଣା,
ପ୍ରାବୃଟେ ନିଦାଘେ ସମାନ ସେ ସିନ୍ଧୁ,
ନ ହୁଏ ତା'ର କଳନା।

**ପ୍ରଶ୍ନାବଳୀ :**

ପ୍ରତି ପ୍ରଶ୍ନର ଉତ୍ତର ଗୋଟିଏ ଲେଖାଏଁ ବାକ୍ୟରେ ଲେଖ : ୧×୫=୫

(କ) ମାତାଙ୍କ ସ୍ନେହକୁ କ'ଣ ବୋଲି କୁହାଯାଇଛି ?

(ଖ) କାହାଯୋଗୁଁ ଧରା ସ୍ୱର୍ଗ ହୋଇଛି ?

(ଗ) କୁସୁମରେ କଣ୍ଟକ ଥିବା ପରି ପ୍ରୀତି ସାଂଗରେ କ'ଣ ଅଛି ?

(ଘ) କେଉଁ ଦୃଷ୍ଟିରୁ ମାତୃସ୍ନେହର କଳନା ନାହିଁ ?

(ଙ) ସିନ୍ଧୁ ସହିତ କାହାକୁ ତୁଳନା କରାଯାଇଛି ?



StudentSuvidha.com
downloaded from



୧୬। ନିମ୍ନଲିଖିତ ଯେକୌଣସି **ଗୋଟିଏ** ପ୍ରସଙ୍ଗରେ ସର୍ଜନାତ୍ମକ ଲେଖା ଲେଖ : ୫

(କ) ଓଧ ସଙ୍ଗେ ବଣଭୁଆ ବାଇ

(ଖ) କୁଟା ଖଣ୍ଡକ ଦି'ଖଣ୍ଡ ନ କରିବା

(ଗ) ଅନ୍ଧର ଗାଈକି ଠାକୁରେ ଜଗୁଆଳି

୧୭। ବନ୍ୟା ପ୍ରପୀଡ଼ିତ ଅଞ୍ଚଳରେ ରିଲିଫ ବଣ୍ଟନ ପାଇଁ ଅନୁମତି ଓ ସହଯୋଗ ପ୍ରାର୍ଥନା କରି ଜିଲ୍ଲାପାଳଙ୍କୁ ଦରଖାସ୍ତ ଲେଖ। ୫

**ଅଥବା**

ତୁମେ ଦେଖିଥିବା ଏକ ଐତିହାସିକ ସ୍ଥାନର ବର୍ଣ୍ଣନା କରି ସାନଭାଇ ନିକଟକୁ ପତ୍ର ଲେଖ।

୧୮। ନିମ୍ନ ଅନୁଚ୍ଛେଦଟିକୁ ସଂକ୍ଷେପଣ କରି ଏକ–ତୃତୀୟାଂଶ ଶବ୍ଦରେ ଲେଖ : ୫

ସାଂସାରିକ ବାଧାବିଘ୍ନ ମଧ୍ୟରେ ମନୁଷ୍ୟର ନିଜତ୍ୱ ପ୍ରକାଶିତ ହେବା ସହଜ ନୁହେଁ। ଅନେକ ସମୟରେ ସାମାଜିକ ରୀତିନୀତି ମଧ୍ୟ ପ୍ରତିବନ୍ଧକ ସ୍ୱରୂପ ହୋଇଥାଏ। ପୂର୍ବକାଳରେ ଆମଦେଶରେ ଗୃହସ୍ଥର ଆଚରଣ ସମ୍ବନ୍ଧରେ ଶିକ୍ଷା ଦିଆ ହେଉଥିଲା, କିନ୍ତୁ ଆଜିକାଲି ସେପରି ଶିକ୍ଷାର ପ୍ରଚଳନ ନାହିଁ। ମନୁଷ୍ୟର ଗୋଟାଏ ସଙ୍କୁଚିତ ଅବସ୍ଥା ଆସିଗଲେ, ସେ ସହଜରେ ଆଉ ସେଥିରୁ ନିଷ୍କୃତି ପାଏ ନାହିଁ। ଯେଉଁମାନଙ୍କର ମାନସିକ ପ୍ରବୃତ୍ତି ଟିକିଏ



Download all NOTES and PAPERS at StudentSuvidha.com

ଉଚ୍ଚଦରର ଥାଏ, ସେହିମାନେ କୌଣସି କାରଣ ବଶତଃ ଏପରି ଅବସ୍ଥାର ଅଧୀନ ହେଲେ ସୁଦ୍ଧା ଦିନେ ସୁସମୟ ଆସି ଆତ୍ମଶକ୍ତିର ପରୀକ୍ଷା ଦେବା ପାଇଁ ସେମାନଙ୍କୁ ଗୋଟିଏ ଭିନ୍ନ କର୍ମକ୍ଷେତ୍ରରେ ପ୍ରବେଶ କରାଏ। ପ୍ରତ୍ୟେକ ଗୃହସ୍ଥ ନିଜର ପାରିବାରିକ ପରିସ୍ଥିତି ମଧ୍ୟରେ ଇଚ୍ଛାନୁସାରେ ଅନୁକୂଳ ଅବସ୍ଥାକୁ ଲକ୍ଷ୍ୟ ରଖି ଶକ୍ତି ପ୍ରୟୋଗ କରିପାରେ ଓ ତଦ୍ୱାରା ତା'ର ଯେଉଁ ବିକାଶ ଜନ୍ମେ, ସେଥିରେ ନିଜତ୍ୱର ଯଥେଷ୍ଟ ପରିଚୟ ମିଳେ। ନିଜତ୍ୱ ରକ୍ଷା କରିନପାରି ଅଧିକାଂଶ କେବଳ ଏକ ଧାରାବାହିକ କର୍ମ ପନ୍ଥାର ଆଶ୍ରୟରେ ଜୀବନକୁ କଟାଇ ଦିଅନ୍ତି। ମନୁଷ୍ୟତ୍ୱର ଶ୍ରେଷ୍ଠ ନିଦର୍ଶନ ଏଥିରେ ନଥାଏ। ଜଗତରେ ଯେତେ ବିସ୍ମୟକର ଓ ମହତ୍‌କାର୍ଯ୍ୟ ସମ୍ପାଦିତ ହୋଇଛି, ସେଥିରେ ଗୃହସ୍ଥର ପ୍ରଭାବ ଅଛି। ଗୃହସ୍ଥ ନିଜକୁ ଛୋଟ ମନେକରିବା ଉଚିତ ନୁହେଁ। ଅର୍ଥ କିମ୍ବା କ୍ଷମତାର ପ୍ରଭାବକୁ ଭୟ କରି ସେ ଯଦି ଶକ୍ତି ବିକାଶର ପଥରୋଧ କରିଦିଏ, ତାହା ହେଲେ ଜଗତରେ ତା'ପାଇଁ ଉପଯୁକ୍ତ ସ୍ଥାନ ରହେ ନାହିଁ। ଯେଉଁମାନେ ସର୍ବଦା ଦୀନହୀନ ଭାବରେ କାଳାତିପାତ କରନ୍ତି, ସେମାନଙ୍କର ପଥ ମଧ୍ୟ ସଂକୁଚିତ ନୁହେଁ। ପ୍ରତ୍ୟେକ ଗୃହସ୍ଥର ଦୃଢ଼ କର୍ତ୍ତବ୍ୟଜ୍ଞାନ ରହିବା ବାଞ୍ଛନୀୟ। ସାମାନ୍ୟ କର୍ମ ନିଷ୍ଠାର ସହିତ ସମ୍ପାଦନ କରି ଜଣେ ଗୃହସ୍ଥ ଉଚ୍ଚସ୍ଥାନର ଅଧିକାରୀ ହୋଇପାରେ। କର୍ତ୍ତବ୍ୟ ଜ୍ଞାନରୁ ନିଜତ୍ୱର ପରାକାଷ୍ଠା ମିଳେ। କର୍ତ୍ତବ୍ୟ ପରାୟଣ ଗୃହୀ ସାଂସାରିକ ବିପଦର ସମ୍ମୁଖୀନ ହୋଇ ସୁଦ୍ଧା ନିଜତ୍ୱ ହରାଏ ନାହିଁ। ତାର ଲକ୍ଷ୍ୟ ଗୋଟାଏ ଅବଲମ୍ବନକୁ ଆଶ୍ରୟ କରିଥାଏ। ଅବଲମ୍ବନ ନଥିଲେ ମନୁଷ୍ୟର ଗତି ସହଜ ହୁଏ ନାହିଁ ଓ ଲକ୍ଷ୍ୟର ସ୍ଥିରତା ମଧ୍ୟ ରହେ ନାହିଁ। ନିଜର ଆକାଂକ୍ଷା ଓ ରୁଚି ଅନୁଯାୟୀ ମନୁଷ୍ୟ ଅବଲମ୍ବନ ଗ୍ରହଣ କରେ। କେବଳ ଗୋଟାଏ ଗଡ୍‌ଡଳିକା ପ୍ରବାହରେ ଭାସିଯିବା ଲୋକଙ୍କ ସଂଖ୍ୟା ସଂସାରରେ ଅନେକ ଦେଖାଯାଏ। ସେମାନଙ୍କୁ ପ୍ରକୃତ ଗୃହସ୍ଥ ବୋଲି କୁହାଯାଇ ନପାରେ।





୧୯। ନିର୍ଦ୍ଦେଶ ଅନୁସାରେ ଉତ୍ତର ଦିଅ :

(କ) ନିମ୍ନଲିଖିତ ଯେକୌଣସି **ଦୁଇଟି** ରୂଢ଼ିକୁ ବାକ୍ୟରେ ବ୍ୟବହାର କର : ୧×୨=୨

ଚଳୁ କରିଦେବା, ଫସର ଫାଟିବା, ଭାଲୁ ଧରାଇବା, ମୁଣ୍ଡକୁ ହାତପାଇବା

(ଖ) ନିମ୍ନଲିଖିତ ଯେକୌଣସି **ଦୁଇଟିକୁ** ଏକପଦରେ ପ୍ରକାଶ କର : ୧×୨=୨

ଜାଣିବାର ଇଚ୍ଛା, ଶିବଙ୍କର ଉପାସକ, ଯିଏ ଦାନ କରେ ସେ, ସାଧୁର ଗୁଣ

(ଗ) ନିମ୍ନଲିଖିତ ଯେକୌଣସି **ଦୁଇଟି** ସମୋଚ୍ଚାରିତ ଶବ୍ଦ ଯୋଡ଼ିର ଅର୍ଥ-ପାର୍ଥକ୍ୟ ଲେଖ : ୧×୨=୨

ଶିଳ-ଶୀଳ, ମତ-ମତ୍ତ, ଚୂଡା-ଚୂଡା, ତରଣି-ତରଣୀ

(ଘ) ନିମ୍ନଲିଖିତ ଯେକୌଣସି **ଦୁଇଟି** ଶବ୍ଦର ବିପରୀତାର୍ଥବୋଧକ ଶବ୍ଦ ଲେଖ : ୧×୨=୨

ଅଗ, ଇଷ୍ଟ, ଚେମଡ଼ା, ତବତ

(ଙ) ନିମ୍ନଲିଖିତ ଯେକୌଣସି **ଦୁଇଟି** ଶବ୍ଦର ଭ୍ରମ ସଂଶୋଧନ କର : ୧×୨=୨

ଦାଶରଥୀ, ଅଧୀନସ୍ଥ, ନାଉରୀ, ଅକ୍ଷୁର୍ଣ୍ଣ



Download all NOTES and PAPERS at StudentSuvidha.com

୨୦। ପ୍ରତ୍ୟେକ ପ୍ରଶ୍ନତଳେ ପ୍ରଦତ୍ତ ଚାରିଗୋଟି ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ : ୧×୪=୪

(କ) ଇତିହାସର ଉପକାରିତା କାହା ଉପରେ ବହୁ ପରିମାଣରେ ନିର୍ଭର କରେ?

*(i)* ଗଠନ ପ୍ରଣାଳୀ

*(ii)* ଲିଖନ ପ୍ରଣାଳୀ

*(iii)* ପଠନ ପ୍ରଣାଳୀ

*(iv)* କଥନ ପ୍ରଣାଳୀ

(ଖ) କେଉଁ ମନୁଷ୍ୟ ସର୍ବତ୍ର ସର୍ବପ୍ରକାର ବିରୋଧ ମଧ୍ୟରେ ସାମଞ୍ଜସ୍ୟ ଦର୍ଶନ କରେ?

*(i)* ବୁଦ୍ଧିମାନ

*(ii)* ବିଦ୍ୱାନ

*(iii)* ଜ୍ଞାନୀ

*(iv)* ଚିନ୍ତାଶୀଳ

(ଗ) କ'ଣ ଶିଖିବା ପାଇଁ ସଭ୍ୟସମାଜ ବନବାସୀଙ୍କ ନିକଟକୁ ଦିନେ ଆସିବ?

*(i)* ବିଦ୍‌ବତ୍ତା

*(ii)* ମାନବିକତା

*(iii)* ସାହସିକତା

*(iv)* ଦୁର୍ଦ୍ଧର୍ଷତା



( Turn Over )



(ଘ) କେଉଁ ଶାସନରେ ଶାସକ ଓ ଶାସିତ ଏକ ଓ ଅଭିନ୍ନ?

*(i)* ଗଣତନ୍ତ୍ର

*(ii)* ରାଜତନ୍ତ୍ର

*(iii)* ସାମ୍ୟବାଦ

*(iv)* ଏକଛତ୍ରବାଦ

(ଙ) ଏବେ କେଉଁ ପାଠ ଖଡ଼ିକି ନୁହେଁ କି ପେଡ଼ିକି ନୁହେଁ?

*(i)* ମ୍ୟାଟ୍ରିକ୍

*(ii)* ଆଇ. ଏ.

*(iii)* ବି. ଏ.

*(iv)* ଏମ୍. ଏ.

୨୧। ନିମ୍ନଲିଖିତ ଯେକୌଣସି **ତିନିଗୋଟି** ପ୍ରଶ୍ନର ଉତ୍ତର ଗୋଟିଏ ଲେଖାଏଁ ବାକ୍ୟରେ ଲେଖ : ୧×୩=୩

(କ) ପଡ଼ିଆ ଭୂଇଁରେ ଫସଲ ବୁଣିଲେ କ'ଣ ଘଟେ?

(ଖ) ଏ ସଂସାରରେ ସାଧାରଣତଃ କେତେ ଶ୍ରେଣୀର ମନୁଷ୍ୟ ଦୃଷ୍ଟ ହୁଅନ୍ତି?

(ଗ) କେଉଁଠାରେ ଅଟକିଗଲେ ଘନର ସ୍ୱକାର୍ଯ୍ୟ ସାଧନରେ ବିଳମ୍ବ ଘଟିବ?

(ଘ) କାହାକୁ ଗଣତନ୍ତ୍ରର ମେରୁଦଣ୍ଡ ବୋଲି କୁହାଯାଇଛି?

★ ★ ★



StudentSuvidha.com
downloaded from
Download all NOTES and PAPERS at StudentSuvidha.com